NATIONAL
DAIRY
DEVELOPMENT
BOARD

# ଗୋ ମହିଷାଦି ପଶୁ ମାନଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରୋଗ ପାଇଁ ପାରମ୍ପାରିକ ଚିକିତ୍ସା ପଦ୍ଧତି














# ଥନହରା (ସବୁ ପ୍ରକାରର)


ଘି କୁଆଁରୀ




ହଳଦୀ


ଲେମ୍ବୁ


ଭେର୍ସୁଙ୍ଗ ପତ୍ର


ଗୁଡ


ଚୂନ

## ଜଳ ଆଧାରିତ ପ୍ରୟୋଗ

**ସାମଗ୍ରୀ** (ଗୋଟିଏ ଦିନର ପ୍ରୟୋଗ ପାଇଁ):
ଘି କୁଆଁରୀ ର ପତ୍ର (ସଂପୂର୍ଣ୍ଣ ପତ୍ର)-250 ଗ୍ରାମ, ହଳଦୀ ପାଉଡର -50 ଗ୍ରାମ, ଚୂନ-15 ଗ୍ରାମ, ଲେମ୍ବୁ- 6 ଟା

**ପ୍ରସ୍ତୁତ କରିବାର ବିଧି :**
(i) ଘି କୁଆଁରୀ ର ପତ୍ର କୁ ଛୋଟ ଛୋଟ ଭାଗରେ କାଟନ୍ତୁ (କଣ୍ଟା ବାହାର କରିବା ପରେ) (ii) ସମସ୍ତ ସାମଗ୍ରୀକୁ ହଳଦୀ ପାଉଡର ଓ ଚୂନ ସହିତ ପେଶି ଏକ ଲାଲ ରଙ୍ଗର ପେଷ୍ଟ ବନାନ୍ତୁ।

**ପ୍ରୟୋଗ କରିବାର ବିଧି :**
(i) ଥନକୁ (ପ୍ରଭାବିତ ତଥା ଅପ୍ରଭାବିତ) ସଫା କରି ସମସ୍ତ ଥନରୁ ସଂପୂର୍ଣ୍ଣ କ୍ଷୀର ବାହାର କରନ୍ତୁ । (ii) ଗୋଟିଏ ମୁଠା ମିଶ୍ରଣ ନେଇ ତାକୁ 200 ମିଲି ପାଣି ମିଶାଇ ପତଳା କରନ୍ତୁ । (iii) ପତଳା ହୋଇଥିବା ମିଶ୍ରଣକୁ ଦିନକୁ 10 ଥର 5 ଦିନ ପାଇଁ ଲଗାନ୍ତୁ (ଲଗାଇବା ପୂର୍ବ ରୁ ପ୍ରୟୋଗ କରିବାର ବିଧି ସୋପାନ 1 କୁ ଦୋହରାନ୍ତୁ) (iv) ଦିନର ଶେଷ ପ୍ରୟୋଗ ତେଲ ଆଧାରିତ ହେବା ଉଚିତ (v) ଥରକେ କଟା ହୋଇଥିବା 2ଟା ଲେମ୍ବୁ (ଅଧା ଭାବରେ କଟା) ଖୁଆନ୍ତୁ। ଏହି ପ୍ରକ୍ରିୟା ଦିନକୁ 3 ଥର ଦୋହରାନ୍ତୁ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଥନହରା (ସବୁ ପ୍ରକାରର)



ଘି କୁଆଁରୀ






ହଳଦୀ



ଲେମ୍ବୁ



ଭେର୍ସୁଙ୍ଗ ପତ୍ର



ଗୁଡ



ଚୂନ

## ତେଲ ଆଧାରିତ ପ୍ରୟୋଗ

**ସାମଗ୍ରୀ** (ଗୋଟିଏ ଦିନର ପ୍ରୟୋଗ ପାଇଁ):
ଘି କୁଆଁରୀ ର ପତ୍ର (ସଂପୂର୍ଣ୍ଣ ପତ୍ର)-250 ଗ୍ରାମ, ହଳଦୀ ପାଉଡର -50 ଗ୍ରାମ, ଚୂନ-15 ଗ୍ରାମ, ଲେମ୍ବୁ- 6 ଟା, ସୋରିଷ କିମ୍ବା ରାଶି ତେଲ -600 ମିଲି

**ପ୍ରସ୍ତୁତ କରିବାର ବିଧି :**
(i) ଘି କୁଆଁରୀ ର ପତ୍ର କୁ ଛୋଟ ଛୋଟ ଭାଗରେ କାଟନ୍ତୁ (କଣ୍ଟା ବାହାର କରିବା ପରେ) (ii) ସମସ୍ତ ସାମଗ୍ରୀକୁ ହଳଦୀ ପାଉଡର ଓ ଚୂନ ସହିତ ପେଶି ଏକ ଲାଲ ରଙ୍ଗର ପେଷ୍ଟ ବନାନ୍ତୁ।

**ପ୍ରୟୋଗ କରିବାର ବିଧି :**
(i) ଥନକୁ (ପ୍ରଭାବିତ ତଥା ଅପ୍ରଭାବିତ) ସଫା କରି ସମସ୍ତ ଥନରୁ ସଂପୂର୍ଣ୍ଣ କ୍ଷୀର ବାହାର କରନ୍ତୁ ଓ ଥନ କୁ ପୋଛି ଶୁଖିଲା ରଖନ୍ତୁ। (ii) ଗୋଟିଏ ମୁଠା ମିଶ୍ରଣ ନେଇ ତାକୁ 200 ମିଲି ସୋରିଷ କିମ୍ବା ରାଶି ତେଲ ମିଶାଇ ପତଳା କରନ୍ତୁ । (iii) ପତଳା ହୋଇଥିବା ମିଶ୍ରଣକୁ ଦିନକୁ 3 ଥର ଲଗାନ୍ତୁ (ଲଗାଇବା ପୂର୍ବ ରୁ ପ୍ରୟୋଗ କରିବାର ବିଧି ସୋପାନ 1 କୁ ଦୋହରାନ୍ତୁ) (iv) ଥରକେ କଟା ହୋଇଥିବା 2ଟା ଲେମ୍ବୁ (ଅଧା ଭାବରେ କଟା) ଖୁଆନ୍ତୁ। ଏହି ପ୍ରକ୍ରିୟା ଦିନକୁ 3 ଥର ଦୋହରାନ୍ତୁ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଚିର ରନ୍ଧ୍ର ଦେଇ କ୍ଷୀର ନ ଆସିବା


ନିମ ପତ୍ର ର ଡେଙ୍ଗ




ହଳଦୀ


ଲହୁଣୀ

କିମ୍ବା


ଘିଅ

## ସାମଗ୍ରୀ

ତାଜା ତୋଳା ହୋଇଥିବା ନିମ ପତ୍ର ର ଡେଙ୍ଗ 1 ଟା; ହଳଦୀ ଗୁଣ୍ଡ; ଲହୁଣୀ କିମ୍ବା ଘିଅ

## ପ୍ରସ୍ତୁତ କରିବାର ବିଧି :

(i) ଚିର ର ଲମ୍ବ ଅନୁସାରେ ନିମ ପତ୍ର ର ଡେଙ୍ଗ କୁ ଉପର ଭାଗରୁ କାଟନ୍ତୁ (ଆଧାରକୁ ଛାଡି)

(ii) ହଳଦୀ ଗୁଣ୍ଡ ଏବଂ ଲହୁଣୀ କିମ୍ବା ଘିଅ ର ମିଶ୍ରଣ କୁ ଭଲ ଭାବରେ ନିମ୍ବପତ୍ର ଡେଙ୍ଗ ରେ ଲଗାନ୍ତୁ ।

(ii) ଚିର ରନ୍ଧ୍ର କୁ ଭଲଭାବରେ ସଫା କରନ୍ତୁ।

## ପ୍ରୟୋଗ କରିବାର ବିଧି :

(i) ପ୍ରଲେପିତ ନିମ୍ବ ପତ୍ର ଡେଙ୍ଗର କଟା ଯାଇଥିବା ଉପର ଭାଗ କୁ ଘଡି ଚାଳିବାର ବିପରୀତ ଦିଗ ଅନୁସାରେ  ପ୍ରଭାବିତ ଚିର ମଧ୍ୟ ରେ ଘୂରାଇ ଘୂରାଇ ଭର୍ତ୍ତି କରନ୍ତୁ ।

(ii) କ୍ଷୀର ଦୁହିଁବା ପରେ ପ୍ରତିଥର ତାଜା ପ୍ରଲେପିତ ନିମ୍ବ ପତ୍ର ଡେଙ୍ଗ ପୁନଃ ଭର୍ତ୍ତି କରନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ପହ୍ନାଫୁଲା

(ପହ୍ନା ତନ୍ତୁ ରେ ପାଣି ଜମି ପହ୍ନା ମାଂସପେଶୀ ଫୁଲିବା)



ରସୁଣ





ହଳଦୀ



ରାଶି କିମ୍ବା ସୋରିଷ ତେଲ

**ସାମଗ୍ରୀ** (ଥରେ ପ୍ରୟୋଗ ପାଇଁ):

ରାଶି କିମ୍ବା ସୋରିଷ ତେଲ -200 ମି. ଲି.; ହଳଦୀ ଗୁଣ୍ଡ -1 ମୁଠା; ରସୁଣ- 2 ପାଖୁଡା

**ପ୍ରସ୍ତୁତ କରିବାର ବିଧି :**

(i) ତେଲ ଗରମ କରି ସେଥିରେ ହଳଦୀ ଗୁଣ୍ଡ ଏବଂ କଟା ହୋଇ ଥିବା ରସୁଣ ପକାନ୍ତୁ ।

(ii) ଭଲ ଭାବ ରେ ମିଶାନ୍ତୁ ଏବଂ ବାମ୍ପ ଆସିବା ପରେ ନିଆଁ ରୁ ଓହ୍ଲାଇ ଦିଅନ୍ତୁ ।

(ii) ଥଣ୍ଡା ହେବାକୁ ଦିଅନ୍ତୁ ।

**ପ୍ରୟୋଗ କରିବାର ବିଧି :**

(i) ଫୁଲି ଥିବା ଯାଗା ରେ ଏବଂ ପହ୍ନା ରେ ବଳ ପ୍ରୟୋଗ କରି ଗୋଲାକାର ଢଙ୍ଗ ରେ ଲଗାନ୍ତୁ ।

(ii) ଏହା ଦିନକୁ 4 ଥର ତିନି ଦିନ ପର୍ଯ୍ୟନ୍ତ ଲଗାନ୍ତୁ ।

**ସୂଚନା:** ଏହି ମିଶ୍ରଣ ବ୍ୟବହାର କରିବା ପୂର୍ବ ରୁ ପଶୁକୁ ଥନହରା ହୋଇ ନ ଥିବା ସୁନିଶ୍ଚିତ କରନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ବାଛୁରୀ ଜନ୍ମ ପରେ ଫୁଲ ନ ପଡିବା



ଧଳା ମୂଳା





ଭେଣ୍ଡି



ଗୁଡ



ଲୁଣ

**ସାମଗ୍ରୀ :**

ଧଳା ମୂଳା- 1ଟା; ଭେଣ୍ଡି- 1.5 କେଜି; ଗୁଡ- ଆବଶ୍ୟକତା ଅନୁସାରେ; ଲୁଣ- ଆବଶ୍ୟକତା ଅନୁସାରେ

**ପ୍ରସ୍ତୁତ କରିବାର ବିଧି :**

(i)ପ୍ରତ୍ୟେକ ଭେଣ୍ଡି କୁ 2 ଖଣ୍ଡ କରି କାଟନ୍ତୁ ।

**ପ୍ରୟୋଗ କରିବାର ବିଧି :**

(i) ବାଛୁରୀ ଜନ୍ମର 2 ଘଣ୍ଟା ମଧ ରେ ପଶୁକୁ ଗୋଟିଏ ମୂଳା ଖାଇବାକୁ ଦିଅନ୍ତୁ ।

(ii) ଯଦି ବାଛୁରୀ ଜନ୍ମର 8 ଘଣ୍ଟା ପରେ ମଧ ପଶୁର ଫୁଲ ନ ପଡେ, ତା ହେଲେ 1.5 କିଲୋ ତାଜା କଟା ହୋଇଥିବା ଭେଣ୍ଡି, ଲୁଣ ଏବଂ ଗୁଡ ସାଙ୍ଗ ରେ ଖାଇବାକୁ ଦିଅନ୍ତୁ ।

(iii) ଯଦି ବାଛୁରୀ ଜନ୍ମ ର 12 ଘଣ୍ଟା ପରେ ମଧ ଫୁଲ ନ ପଡେ ତେବେ ପଶୁ ଶରୀର ପାଖ ଫୁଲରେ ଗଣ୍ଠି ପକାଇ, ଗଣ୍ଠିର 2 ଇଞ୍ଚ ତଳକୁ କାଟି ଦିଅନ୍ତୁ । ଗଣ୍ଠି ପଶୁ ଶରୀରର ଭିତରକୁ ଚାଲିଯିବ ।

(iv) କଦାପି ହାତରେ ଟାଣି ଫୁଲ ବାହାର କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ ।

(v) ଚାରି ସପ୍ତାହ ପର୍ଯ୍ୟନ୍ତ ପ୍ରତି ସପ୍ତାହ ରେ ଥରେ ପଶୁକୁ ଗୋଟିଏ ମୂଳା ଖାଇବାକୁ ଦିଅନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ବାରମ୍ବାର ଗରମ ଆସିବା



ଧଳା ମୂଳା





ଘି କୁଆଁରୀ




ହାଡ ଭଙ୍ଗା



ସଜନା



ଗୁଡ



ଭେର୍ସୁଙ୍ଗ ପତ୍ର



ଲୁଣ



ହଳଦୀ

**ପ୍ରୟୋଗ କରିବାର ବିଧି :**

(i) ଗାଈ ଗରମ ହେବାର ପ୍ରଥମ କିମ୍ବା ଦ୍ଵିତୀୟ ଦିନ ସୁଦ୍ଧା ଉପଚାର ଆରମ୍ଭ କରନ୍ତୁ ।

(ii) ଦିନରେ ଥରେ, ନିମ୍ନଲିଖିତ କ୍ରମ ଅନୁସାରେ ଗୁଡ କିମ୍ବା ଲୁଣ ସହିତ ତାଜା ଅବସ୍ଥା ରେ ଖୁଆନ୍ତୁ ।

କ. ଗୋଟିଏ ଧଳା ମୂଳା ପ୍ରତିଦିନ 5 ଦିନ ପର୍ଯ୍ୟନ୍ତ ।

ଖ. ଗୋଟିଏ ଘି କୁଆଁରୀ ପତ୍ର ପ୍ରତିଦିନ 4 ଦିନ ପର୍ଯ୍ୟନ୍ତ ।

ଗ. ଚାରି ମୁଠା ସଜନା ପତ୍ର 4 ଦିନ ପର୍ଯ୍ୟନ୍ତ ।

ଘ. ଚାରି ମୁଠା ହାଡ ଭଙ୍ଗା କାଣ୍ଡ 4 ଦିନ ପର୍ଯ୍ୟନ୍ତ ।

ଙ. ଚାରି ମୁଠା ଭେର୍ସୁଙ୍ଗ ପତ୍ର, ହଳଦୀ ସହିତ 4 ଦିନ ପର୍ଯ୍ୟନ୍ତ ।

ଚ. ଯଦି ପଶୁ ଗର୍ଭଧାରଣ କରିନଥାଏ ତେବେ ପୁଣି ଥରେ ଚିକିତ୍ସା ଦୋହରାନ୍ତୁ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଗର୍ଭାଶୟ ବା ମଳଦ୍ୱାର ବାହାରକୁ ବାହାରି ଆସିବା




ଘି କୁଆଁରୀ ରସ
(Gel)





ହଳଦୀ



ଲାଜକୁଳୀ ପତ୍ର

**ସାମଗ୍ରୀ :**

ଘି କୁଆଁରୀ ରସ- ଗୋଟିଏ ପୂରା ପତ୍ର; ହଳଦୀ ଗୁଣ୍ଡ – ଏକ ଚିମୁଟି; ଲାଜକୁଳୀ ପତ୍ର- ଦୁଇ ମୁଠା

**ପ୍ରସ୍ତୁତ କରିବାର ବିଧି :**

(i) ଗୋଟିଏ ଘି କୁଆଁରୀ ପତ୍ରର ରସ ବାହାର କରନ୍ତୁ ।
(ii) ସେଥିରୁ ଅଠା ଅଂଶ ଦୂର କରିବା ପାଇଁ ବାରମ୍ବାର ଧୋଇ ଦିଅନ୍ତୁ ।
(iii) ସେଥିରେ ପାଣି ମିଶାଇ 1 ଲିଟର କରନ୍ତୁ ।
(iv) ଏଥିରେ ଏକ ଚିମୁଟି ହଳଦୀ ମିଶାଇ 500 ମିଲି ହେବା ପର୍ଯ୍ୟନ୍ତ ଗରମ କରନ୍ତୁ ଏବଂ ତା ପରେ ଥଣ୍ଡା ହେବାକୁ ଦିଅନ୍ତୁ ।

**ପ୍ରୟୋଗ କରିବାର ବିଧି :**

(i) ପଶୁ ଶରୀର ବାହାରକୁ ବାହାରି ଆସିଥିବା ଅଂଶ କୁ ସଫା କରନ୍ତୁ ।
(ii) ତା ଉପରେ ଥଣ୍ଡା ହୋଇଥିବା ମିଶ୍ରଣ ଛିଞ୍ଚନ୍ତୁ ବା ସ୍ପ୍ରେ କରନ୍ତୁ ।
(iii) ଏହା ଶୁଖିଯିବା ପରେ ଲାଜକୁଳୀ ପତ୍ର ର ପେଷ୍ଟ ଲଗାନ୍ତୁ ।
(iv) ଅଙ୍ଗ ଭିତରକୁ ଯିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା କୁ ବାରମ୍ବାର କରନ୍ତୁ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଫାଟୁଆ ପାଟି ଘା


ଜୀରା




ଗୋଲ ମରିଚ


ରସୁଣ


ଗୁଡ


ହଳଦୀ


ମେଥି


ନଡିଆ

**ସାମଗ୍ରୀ** (ଥରେ ପ୍ରୟୋଗ ପାଇଁ):
ଜୀରା -10 ଗ୍ରାମ; ମେଥି -10 ଗ୍ରାମ; ଗୋଲମରିଚ- 10 ଗ୍ରାମ; ହଳଦୀ ଗୁଣ୍ଡ- 10 ଗ୍ରାମ; ରସୁଣ -4 ପାଖୁଡା; ନଡିଆ -1ଟା ; ଗୁଡ- 120 ଗ୍ରାମ

**ପ୍ରସ୍ତୁତ କରିବାର ବିଧି :**

(i) ପାଣିରେ ଜୀରା, ମେଥି ଏବଂ ଗୋଲମରିଚ 20-30 ମିନିଟ ପର୍ଯ୍ୟନ୍ତ ଭିଜାନ୍ତୁ।

(ii) ସମସ୍ତ ସାମଗ୍ରୀ କୁ ପେଶନ୍ତୁ ଯେପରି ଭଲଭାବରେ ମିଶି ଯିବ ।

(iii) କୋରା ହୋଇଥିବା ନଡିଆ (1 ଟା ) ହାତ ରେ ମିଶାନ୍ତୁ ।

(iv) ପ୍ରତିଥର ଲଗାଇବା ପୂର୍ବରୁ ତାଜା ପ୍ରସ୍ତୁତ କରନ୍ତୁ ।

**ପ୍ରୟୋଗ କରିବାର ବିଧି :**

(i) ପାଟି ଭିତରେ, ଜିଭ ରେ ଏବଂ ତାଲୁକା ରେ ଲଗାନ୍ତୁ ।

(ii) ପ୍ରତିଦିନ 3 ଥର 3 ରୁ 5 ଦିନ ପର୍ଯ୍ୟନ୍ତ ଲଗାନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଫାଟୁଆ ଖୁରା ଘା




**ସାମଗ୍ରୀ :**

ଇନ୍ଦ୍ର ମାରିଚ ପତ୍ର – 1 ମୁଠା; ରସୁଣ -10 ପାଖୁଡା; ନିମ୍ବ ପତ୍ର – 1 ମୁଠା; ନଡିଆ କିମ୍ବା ରାଶି ତେଲ -250 ମି. ଲି.; ହଳଦୀ ଗୁଣ୍ଡ- 20 ଗ୍ରାମ; ମେହେନ୍ଦି (ମୋହରା) ପତ୍ର – 1 ମୁଠା; ତୁଳସୀ ପତ୍ର- 1 ମୁଠା।

**ପ୍ରସ୍ତୁତ କରିବାର ବିଧି :**

(i) ସମସ୍ତ ସାମଗ୍ରୀ କୁ ଭଲଭାବରେ ପେଶି ମିଶାନ୍ତୁ ।

(ii) 500 ମି. ଲି. ନଡିଆ କିମ୍ବା ରାଶି ତେଲ ମିଶାଇ ଗରମ କରନ୍ତୁ ତା ପରେ ଥଣ୍ଡା କରନ୍ତୁ ।

**ପ୍ରୟୋଗ କରିବାର ବିଧି :**

(i) ଘା ସଫା କରି ଏହି ମିଶ୍ରଣ ଲଗାନ୍ତୁ କିମ୍ବା ସଫା କନାରେ ଭିଜାଇ ବ୍ୟାଣ୍ଡେଜ ବାନ୍ଧନ୍ତୁ ।

(ii) ଯଦି ଘା ରେ ପୋକ ପଡିଯାଇଥାନ୍ତି ତେବେ ପ୍ରଥମ ଦିନ ନଡିଆ ତେଲ କର୍ପୂର ମିଶ୍ରଣ ଲଗାନ୍ତୁ କିମ୍ବା ଆତ ପତ୍ର ବାଟି କରି ଲଗାନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଜ୍ୱର




**ସାମଗ୍ରୀ** (ଏକ ଦିନର ପ୍ରୟୋଗ ପାଇଁ) :

ରସୁଣ-2 ପାଖୁଡା; ଧନିଆ- 10ଗ୍ରାମ; ଜୀରା- 10 ଗ୍ରାମ; ତୁଳସୀ ପତ୍ର- 1 ମୁଠା; ଶୁଖିଲା ତେଜ ପତ୍ର- 10 ଗ୍ରାମ; ଗୋଲମରିଚ- 10 ଗ୍ରାମ; ପାନ ପତ୍ର – 5 ଟା; ଛୋଟ ପିଆଜ/ପିଆଜ - 2ଟା; ହଳଦୀ ଗୁଣ୍ଡ-10 ଗ୍ରାମ; ଚିରେଇତା ପତ୍ର ର ଗୁଣ୍ଡ- 20 ଗ୍ରାମ; ଦୟଣା ପତ୍ର- 1 ମୁଠା; ନିମ୍ବ ପତ୍ର- 1 ମୁଠା; ଗୁଡ-100 ଗ୍ରାମ

**ପ୍ରସ୍ତୁତ କରିବାର ବିଧି :**

(i) ଜୀରା, ଗୋଲ ମରିଚ ଏବଂ ଧନିଆ କୁ ପାଣି ରେ 15 ମିନିଟ ପର୍ଯ୍ୟନ୍ତ ଭିଜାନ୍ତୁ।

(ii) ସମସ୍ତ ସାମଗ୍ରୀ କୁ ପେଶି ମିଶାନ୍ତୁ ।

**ପ୍ରୟୋଗ କରିବାର ବିଧି :**

(i) ମିଶ୍ରଣ କୁ ଛୋଟ ଛୋଟ ଭାଗ ରେ ବିଭକ୍ତ କରି ସକାଳ ଏବଂ ସନ୍ଧ୍ୟାରେ ଖୁଆନ୍ତୁ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଝାଡା


ମେଥି





ଗୋଲମରିଚ


ପିଆଜ


ପୋସ୍ତ



ଜୀରା


ହଳଦୀ


ରସୁଣ


ଭେର୍ସୁଙ୍ଗ ପତ୍ର


ଗୁଡ


ହେଙ୍ଗୁ

**ସାମଗ୍ରୀ** (ଏକ ଦିନର ପ୍ରୟୋଗ ପାଇଁ): ମେଥି-10 ଗ୍ରାମ; ପିଆଜ -1 ଟା; ରସୁଣ- 1 ପାଖୁଡା; ଜୀରା -10 ଗ୍ରାମ; ହଳଦୀ -10 ଗ୍ରାମ; ଭେର୍ସୁଙ୍ଗ ପତ୍ର -1 ମୁଠା; ପୋସ୍ତ – 5 ଗ୍ରାମ; ଗୋଲମରିଚ – 10 ଗ୍ରାମ; ଗୁଡ- 100 ଗ୍ରାମ; ହେଙ୍ଗୁ- 5 ଗ୍ରାମ

**ପ୍ରସ୍ତୁତ କରିବାର ବିଧି :**

(i) ଜୀରା, ହେଙ୍ଗୁ, ପୋସ୍ତ ଏବଂ ମେଥି କୁ ଶୁଖିଲା ଭାଜନ୍ତୁ।

(ii) ତାକୁ ଥଣ୍ଡା କରି ପେଶି ଦିଅନ୍ତୁ ।

(iii) ଏଥିରେ ଅନ୍ୟ ସାମଗ୍ରୀ ମିଶାଇ ପେଶି କରି ପେଷ୍ଟ ବନାନ୍ତୁ।

**ପ୍ରୟୋଗ କରିବାର ବିଧି :**

(i) ମିଶ୍ରଣ କୁ ଛୋଟ ଛୋଟ ଗୁଳାରେ ବିଭକ୍ତ କରନ୍ତୁ ।

(ii) ପ୍ରସ୍ତୁତ ଗୁଳା ଗୁଡିକୁ ଦିନ ରେ ଥରେ ଖୁଆନ୍ତୁ । ଏହି ପ୍ରକ୍ରିୟା 1 ରୁ 3 ଦିନ ପର୍ଯ୍ୟନ୍ତ କିମ୍ବା ଝାଡା ଠିକ ହେବା ପର୍ଯ୍ୟନ୍ତ ଦୋହରାନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ପେଟ ଫୁଲା ଏବଂ ବଦ ହଜମି




**ସାମଗ୍ରୀ** (ଏକ ଦିନର ପ୍ରୟୋଗ ପାଇଁ):
ପିଆଜ-100 ଗ୍ରାମ; ରସୁଣ -10 ପାଖୁଡା; ଶୁଖିଲା ଲଙ୍କା -2 ଟା; ଜୀରା- 10 ଗ୍ରାମ; ହଳଦୀ- 10 ଗ୍ରାମ; ଗୁଡ- 100 ଗ୍ରାମ; ଗୋଲ ମରିଚ -10 ଗ୍ରାମ; ପାନ ପତ୍ର – 10 ଟା; ଅଦା- 100 ଗ୍ରାମ

**ପ୍ରସ୍ତୁତ କରିବାର ବିଧି :**
(i) ଗୋଲମରିଚ, ଜୀରା ପାଣି ରେ ଅଧଘଣ୍ଟା ଭିଜାନ୍ତୁ ।
(ii) ଅନ୍ୟ ସାମଗ୍ରୀ ସହିତ ମିଶାଇ ପେଶି ମିଶ୍ରଣ ବନାନ୍ତୁ ।

**ପ୍ରୟୋଗ କରିବାର ବିଧି :**
(i) ମିଶ୍ରଣ କୁ ଛୋଟ ଛୋଟ ଗୁଳା ରେ ବିଭକ୍ତ କରନ୍ତୁ ।
(ii) ଛୋଟ ଛୋଟ ଭାଗ କରି ଲୁଣ ମିଶାଇ ଦିନକୁ 3-4 ଥର 3 ଦିନ ପର୍ଯ୍ୟନ୍ତ ଖାଇବାକୁ ଦିଅନ୍ତୁ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# କୃମି




**ସାମଗ୍ରୀ** (ଏକ ଦିନର ପ୍ରୟୋଗ ପାଇଁ):

ପିଆଜ-1 ଟା; ରସୁଣ- 5 ପାଖୁଡା; ସୋରିଷ- 10 ଗ୍ରାମ; ନିମ୍ବ ପତ୍ର – 1 ମୁଠା; ଜୀରା- 10 ଗ୍ରାମ; କଲରା- 50 ଗ୍ରାମ; ହଳଦୀ- 5 ଗ୍ରାମ; ଗୋଲ ମରିଚ- 5 ଗ୍ରାମ; କଦଳୀ ମଞ୍ଜା – 100 ଗ୍ରାମ; ଗୟସ ପତ୍ର – 1 ମୁଠା; ଗୁଡ- 100 ଗ୍ରାମ

**ପ୍ରସ୍ତୁତ କରିବାର ବିଧି :**

(i) ପାଣି ରେ ଗୋଲମରିଚ, ଜୀରା ଏବଂ ସୋରିଷ 30 ମିନିଟ ପର୍ଯ୍ୟନ୍ତ ଭିଜାନ୍ତୁ।

(ii) ଏହା କୁ ଅନ୍ୟ ସାମଗ୍ରୀ ସହିତ ପେଶି ପେଷ୍ଟ ବନାନ୍ତୁ।

**ପ୍ରୟୋଗ କରିବାର ବିଧି :**

(i) ମିଶ୍ରଣ କୁ ଛୋଟ ଛୋଟ ଗୁଳା ରେ ବିଭକ୍ତ କରନ୍ତୁ ।

(ii) ଛୋଟ ଛୋଟ ଭାଗରେ ଲୁଣ ମିଶାଇ ଦିନକୁ ଥରେ, 3 ଦିନ ପର୍ଯ୍ୟନ୍ତ ଖାଇବାକୁ ଦିଅନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଟିକ୍ସ/ବାହ୍ୟ ପରଜୀବୀ




ରସୁଣ






ହଳଦୀ



ନିମ୍ବ ପତ୍ର



ନାଗ ଅଈରୀ



ବଚ (ମାଟି ତଳେ ଥିବା କାଣ୍ଡ)



ନିମ୍ବ ଫଳ



ତୁଳସୀ

**ସାମଗ୍ରୀ :**

ରସୁଣ-10 ପାଖୁଡା; ନିମ୍ବ ପତ୍ର- 1 ମୁଠା; ନିମ୍ବ ଫଳ – 1 ମୁଠା; ବଚ କାଣ୍ଡ- 10 ଗ୍ରାମ; ହଳଦୀ ଗୁଣ୍ଡ-20 ଗ୍ରାମ; ନାଗ ଅଈରୀ ପତ୍ର- 1 ମୁଠା; ତୁଳସୀ ପତ୍ର -1 ମୁଠା

**ପ୍ରସ୍ତୁତ କରିବାର ବିଧି :**

(i) ସମସ୍ତ ସାମଗ୍ରୀ କୁ ପେଶି ମିଶ୍ରଣ କରନ୍ତୁ ।
(ii) ଏକ ଲିଟର ସଫା ପାଣି ମିଶାନ୍ତୁ ।
(iii) ଏକ ସଫା କନା ରେ ଉପୋରକ୍ତ ମିଶ୍ରଣ କୁ ଛାଣନ୍ତୁ।
(iv) ଛାଣିବା ପରେ ଗୋଟିଏ ସ୍ପ୍ରେ ବୋତଲକୁ  ସ୍ଥାନାନ୍ତରଣ କରନ୍ତୁ ।

**ପ୍ରୟୋଗ କରିବାର ବିଧି :**

(i) ପଶୁର ସମଗ୍ର ଶରୀରରେ ସ୍ପ୍ରେ କରନ୍ତୁ ।
(ii) ଗୁହାଳ ରେ ଥିବା ଛିଦ୍ର ଏବଂ ଫାଟ ରେ ମଧ୍ୟ ସ୍ପ୍ରେ କରନ୍ତୁ ।
(iii) ଏହି ମିଶ୍ରଣ କୁ କପଡା ରେ ଭିଜାଇ ପଶୁ ଶରୀରରେ ଲଗାଇ ପାରିବେ ।
(iv) ଭଲ ଅବସ୍ଥା ଆସିବା ପର୍ଯ୍ୟନ୍ତ ସପ୍ତାହ ରେ ଥରେ ଲଗାନ୍ତୁ।
(v) ଏହି ଉପଚାର ଦିନର ଗରମ (ଖରା) ସମୟ ରେ ହିଁ  କରନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଚିର ରେ ଘା / ଭାତୁଡି ହେବା / ଚିର ଫାଟିବା



ରସୁଣ





ଲହୁଣୀ




ହଳଦୀ



ନିମ୍ବ



ଜୀରା



ଦୟଣା

### ସାମଗ୍ରୀ :

ରସୁଣ-5 ପାଖୁଡା; ହଳଦୀ-10 ଗ୍ରାମ; ଜୀରା-15 ଗ୍ରାମ; ଦୟଣା ପତ୍ର – 1 ମୁଠା ; ନିମ୍ବ ପତ୍ର -1 ମୁଠା; ଲହୁଣୀ  କିମ୍ବା ଘିଅ-50 ଗ୍ରାମ

### ପ୍ରସ୍ତୁତ କରିବାର ବିଧି :

(i) ଜୀରା କୁ ପାଣି ରେ 15 ମିନିଟ ପାଇଁ ବତୁରାନ୍ତୁ ।

(ii) ସମସ୍ତ ସାମଗ୍ରୀ କୁ ପେଶି ଭଲ ଭାବରେ ମିଶାନ୍ତୁ ।

(iii) ଶେଷରେ ଲହୁଣୀ ଭଲ ଭାବରେ ମିଶାନ୍ତୁ।


### ପ୍ରୟୋଗ କରିବାର ବିଧି :

(i) ଏହି ମିଶ୍ରଣକୁ  ପ୍ରଭାବିତ ଯାଗା ରେ, ଭଲ ହେବ ପର୍ଯ୍ୟନ୍ତ ବାରମ୍ବାର ଲଗାନ୍ତୁ।

(ii) ଚର୍ମ ସଫା କରି ଶୁଖାଇ ଏହି ମିଶ୍ରଣ କୁ ଲଗାନ୍ତୁ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଆଲର୍ଜି/ବିଷ କ୍ରିୟା/ବିଷାକ୍ତ ଦଂଶନ/କାମୁଡା





ପାନ ପତ୍ର



ଲୁଣ



ଗୋଲ ମରିଚ



ଗୁଡ

**ସାମଗ୍ରୀ** (ଥରେ ପ୍ରୟୋଗ ପାଇଁ):
(ତିନି ରାଜା: ତାମିଲ ସିଦ୍ଧ ବୈଦ୍ୟ ପରମ୍ପରା ଅନୁସାରେ)
ପାନ ପତ୍ର-10 ଟା, ଗୋଲ ମରିଚ-10 ଗ୍ରାମ, ଲୁଣ- 10 ଗ୍ରାମ

**ପ୍ରସ୍ତୁତ କରିବାର ବିଧି :**

(i) ସମସ୍ତ ସାମଗ୍ରୀ କୁ ମିଶାଇ ପେଶି ପେଷ୍ଟ ବନାନ୍ତୁ
(ii) ଗୁଡ ସହିତ ମିଶାନ୍ତୁ

**ପ୍ରୟୋଗ କରିବାର ବିଧି :**

(i) ପ୍ରସ୍ତୁତ କରିଥିବା ମିଶ୍ରଣକୁ ଛୋଟ ଛୋଟ ଭାଗ କରି ଖୁଆନ୍ତୁ (ii) ପ୍ରତିଦିନ 3 ଥର ପ୍ରୟୋଗ କରନ୍ତୁ, ପ୍ରୟୋଗ 2 ସପ୍ତାହ ପର୍ଯ୍ୟନ୍ତ କରନ୍ତୁ ।

**ଟିପ୍ପଣୀ :** 2-3 ବୁନ୍ଦା (ବିନା ଗୁଡ ମିଶ୍ରିତ) ଆଖିରେ ପ୍ରତି 1 ଘଣ୍ଟାରେ ପକାନ୍ତୁ, ଏହି ବିକଳ୍ପ କେବଳ ସାଂଘାତିକ ଅବସ୍ଥାରେ ଥିବା ପଶୁ ପାଇଁ ଯିଏ ଖାଇବା ପାଇଁ ଅସମର୍ଥ ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଗଣ୍ଠି ଫୁଲା



ଘି କୁଆଁରୀ
ର ପତ୍ର







ରସୁଣ



ଚୂନ



ହାଡ ଭଙ୍ଗା କାଣ୍ଡ



ରାଶି ତେଲ



ହଳଦୀ ଗୁଣ୍ଡ

**ସାମଗ୍ରୀ :**

ଘି କୁଆଁରୀ ର ପତ୍ର- 100 ଗ୍ରାମ, ଚୂନ – 10ଗ୍ରାମ, ହାଡ ଭଙ୍ଗା କାଣ୍ଡ- 100 ଗ୍ରାମ, ହଳଦୀ ଗୁଣ୍ଡ- 15 ଗ୍ରାମ, ରସୁଣ- 5 ଟି ପାଖୁଡା

**ପ୍ରସ୍ତୁତ କରିବାର ବିଧି :**

(i) ସମସ୍ତ ସାମଗ୍ରୀକୁ ଭଲ ଭାବରେ ପେଶି ପେଷ୍ଟ ବନାନ୍ତୁ (ii) 1 ଲିଟର ରାଶି ତେଲରେ ମିଶ୍ରଣକୁ ଗରମ କରନ୍ତୁ ଏହା ପରେ ଥଣ୍ଡା ହେବାକୁ ଦିଅନ୍ତୁ

**ପ୍ରୟୋଗ କରିବାର ବିଧି :**

(i) ଦିନକୁ 4 ରୁ 5 ଥର ପ୍ରଭାବିତ ଯାଗାରେ ଲଗାନ୍ତୁ

(ii) ଗରମ ପାଣି ରେ ଦିନକୁ ଦୁଇଥର ସେକ ଦିଅନ୍ତୁ

TDU

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# କାଶ


ବାସଙ୍ଗ ପତ୍ର




ଗୋଲ ମରିଚ


ତୁଳସୀ ପତ୍ର


ରସୁଣ


ହଳଦୀ ଗୁଣ୍ଡ


ଗୁଡ

**ସାମଗ୍ରୀ** (ଗୋଟିଏ ଦିନର ପ୍ରୟୋଗ ପାଇଁ)

ବାସଙ୍ଗ ପତ୍ର-1 ଟା, ତୁଳସୀ ପତ୍ର-1 ମୁଠା, ରସୁଣ- 5 ପାଖୁଡା, ହଳଦୀ-10 ଗ୍ରାମ, ଗୋଲ ମରିଚ- 10 ଗ୍ରାମ

**ପ୍ରସ୍ତୁତ କରିବାର ବିଧି :**

(i) ଗୋଲ ମରିଚ କୁ 10-15 ମିନିଟ ପାଣିରେ ବତୁରାଇ ଅଲଗା ପେଶନ୍ତୁ

(ii) ଅନ୍ୟ ସମସ୍ତ ସାମଗ୍ରୀକୁ ଏକାଠି କରି ଗୁଡ ମିଶାଇ ପେଶି ମିଶ୍ରଣ ବନାନ୍ତୁ

**ପ୍ରୟୋଗ କରିବାର ବିଧି :**

କାଶ ଭଲ ହେବା ପର୍ଯ୍ୟନ୍ତ ଦିନକୁ 2-3 ଥର ଖୁଆନ୍ତୁ

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଛିଡା ହେବା ପାଇଁ ଅସମର୍ଥ ପଶୁ



ଦେଶୀ
କୁକୁଡା ଅଣ୍ଡା





ହାଡ ଭଙ୍ଗା କାଣ୍ଡ



ସଜନା ପତ୍ର



ଗୁଡ

**ସାମଗ୍ରୀ** (ଥରେ ପ୍ରୟୋଗ ପାଇଁ):
ଦେଶୀ କୁକୁଡା ଅଣ୍ଡା- 2 ଟା, ସଜନା ପତ୍ର- 4 ମୁଠା, ହାଡ ଭଙ୍ଗା କାଣ୍ଡ- 4 ମୁଠା

**ପ୍ରସ୍ତୁତ କରିବାର ବିଧି :**
(i) ତାଜା କଞ୍ଚା ଅଣ୍ଡା (ii) ସଜନା ପତ୍ର ଓ ହାଡ ଭଙ୍ଗା କାଣ୍ଡ କୁ ଅଲଗା ପେଶନ୍ତୁ ଓ ଆବଶ୍ୟକତା ଅନୁସାରେ ଗୁଡ ସହିତ ମିଶାନ୍ତୁ

**ପ୍ରୟୋଗ କରିବାର ବିଧି :**
(i) ଥରକେ 2 ଟି ଅଣ୍ଡା (ଖୋଳ ସହିତ) ହାଲକା ଭାବରେ ଖୋଳ ଫଟାଇ ବା ଖୋଳରେ ଛୋଟ କଣା କରି ଦିନକୁ ତିନି ଥର ଖୁଆନ୍ତୁ (ii) ସଜନା ପତ୍ର ଓ ହାଡ ଭଙ୍ଗା କାଣ୍ଡ (ଥରକେ 4 ମୁଠା) କୁ ପ୍ରତି 2 ଘଣ୍ଟାରେ ଏକାନ୍ତର ଭାବରେ ଖୁଆନ୍ତୁ (iii) ପଶୁକୁ ଚତୁର୍ଥ ଦିନ ପର୍ଯ୍ୟନ୍ତ ଉଠାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# କୀଟ ନାଶକ ବିଷାକ୍ତତା/ ହାଇଡ୍ରୋଜେନ ସାୟାନାଇଡ ବିଷାକ୍ତତା/ କବକ ଜନିତ ବିଷାକ୍ତତା



ପାନ ପତ୍ର





ସଜନା ପତ୍ରର ରସ



ଗୋଲ ମରିଚ



ଲୁଣ



ଗୁଡ



ତେନ୍ତୁଳି

## ସାମଗ୍ରୀ

**ତିନି ରାଜା (ଥରେ ପ୍ରୟୋଗ ପାଇଁ)**

ପାନ ପତ୍ର-10 ଟା, ଗୋଲ ମରିଚ-10 ଗ୍ରାମ, ଲୁଣ- 10 ଗ୍ରାମ

**ଅନ୍ୟ ସାମଗ୍ରୀ (ଗୋଟିଏ ଦିନର ପ୍ରୟୋଗ ପାଇଁ)**

ତେନ୍ତୁଳି- 1 କି ଗ୍ରା, ପାଣି- 1 ଲିଟର, ସଜନା ପତ୍ରର ରସ- 1 କି ଗ୍ରା ପତ୍ର ରୁ

## ପ୍ରସ୍ତୁତ କରିବାର ବିଧି :

**ତିନି ରାଜା ପ୍ରସ୍ତୁତ କରିବାର ବିଧି**

(i) ପାନ ପତ୍ର, ଗୋଲ ମରିଚ ଓ ଲୁଣ କୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ

(ii) ଆବଶ୍ୟକତା ଅନୁସାରେ ଗୁଡ ସହିତ ମିଶାନ୍ତୁ

**ଅନ୍ୟ ମିଶ୍ରଣ**


(i) ତେନ୍ତୁଳି କୁ 15 ମିନିଟ ପାଇଁ ପାଣି ରେ ଭିଜାନ୍ତୁ (ii) ଭିଜା ଯାଇଥିବା ତେନ୍ତୁଳି ଶସରୁ ରସ ବାହାର କରନ୍ତୁ (iii) ପାଣି, ସଜନା ପତ୍ରର ରସ ଓ ଗୁଡ ମିଶାନ୍ତୁ (iv) ଭଲ ଭାବରେ ମିଶାନ୍ତୁ

## ପ୍ରୟୋଗ କରିବାର ବିଧି :

(i) ତିନି ରାଜାର ପ୍ରଥମ ଭାଗ ଖୁଆନ୍ତୁ (ii) 200 ମିଲି ତେନ୍ତୁଳି, ସଜନା, ଗୁଡର  ମିଶ୍ରଣ ପ୍ରତି 2 ଘଣ୍ଟା ରେ ଥରେ ପିଆନ୍ତୁ (iii)ମଧ୍ୟବର୍ତ୍ତୀ ସମୟରେ ତିନି ରାଜା ମିଶ୍ରଣର ଛୋଟ ଭାଗ ଖୁଆନ୍ତୁ

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# କ୍ଷୀରରେ ରକ୍ତ ଆସିବା


ଭେର୍ସୁଙ୍ଗ ପତ୍ର




ଗୁଡ


ସଜନା ପତ୍ର


ଲେମ୍ବୁ

**ସାମଗ୍ରୀ** (ଗୋଟିଏ ଦିନର ପ୍ରୟୋଗ ପାଇଁ):
ଭେର୍ସୁଙ୍ଗ ପତ୍ର- 2 ମୁଠା, ସଜନା ପତ୍ର- 2 ମୁଠା, ଗୁଡ-100 ଗ୍ରାମ, ଲେମ୍ବୁ-6 ଟା

**ପ୍ରସ୍ତୁତ କରିବାର ବିଧି :**
ଭେର୍ସୁଙ୍ଗ ପତ୍ର ଓ ସଜନା ପତ୍ର କୁ ଗୁଡ ସହିତ ପେଶି ପେଷ୍ଟ ବନାନ୍ତୁ ଲେମ୍ବୁ କୁ ଦୁଇ ଫାଳ କରି କାଟନ୍ତୁ

**ପ୍ରୟୋଗ କରିବାର ବିଧି :**
(i) ଦିନକୁ ଦୁଇ ଥର ଖୁଆନ୍ତୁ ଅବସ୍ଥା  ଭଲ ହେବା ପର୍ଯ୍ୟନ୍ତ।
(ii) ଥରକେ କଟା ହୋଇଥିବା 2ଟା ଲେମ୍ବୁ (ଅଧା ଭାବରେ କଟା) ଖୁଆନ୍ତୁ।
ଏହି ପ୍ରକ୍ରିୟା ଦିନକୁ 3 ଥର 3 ଦିନ ପର୍ଯ୍ୟନ୍ତ ଦୋହରାନ୍ତୁ।

**ଟିପ୍ପଣୀ:** ଏହା ସହିତ ଥନହରାର ପାରମ୍ପରିକ ଚିକିତ୍ସା ପଦ୍ଧତି କରନ୍ତୁ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।

# ଗାଈ ଗରମ ନ ଆସିବା




**ପ୍ରସ୍ତୁତ କରିବାର ବିଧି :**

ତାଜା ରୂପରେ ପଶୁ କୁ ଦିନକୁ ଦୁଇଥର ଗୁଡ ଓ ଲୁଣ ସହିତ ଖୁଆନ୍ତୁ

(i) ଗୋଟିଏ ଧଳା ମୂଳା ଦିନକୁ ଦୁଇଥର ପ୍ରଥମ 5 ଦିନ ପର୍ଯ୍ୟନ୍ତ ।

(ii) ଗୋଟିଏ ଘି କୁଆଁରୀ ପତ୍ର ଦିନକୁ ଦୁଇଥର ପରବର୍ତ୍ତୀ 4 ଦିନ ପର୍ଯ୍ୟନ୍ତ ।

(iii) ଚାରି ମୁଠା ସଜନା ପତ୍ର ଦିନକୁ ଦୁଇଥର ପରବର୍ତ୍ତୀ 4 ଦିନ ପର୍ଯ୍ୟନ୍ତ ।

(iv) ଚାରି ମୁଠା ହାଡ ଭଙ୍ଗା କାଣ୍ଡ ଦିନକୁ ଦୁଇଥର ପରବର୍ତ୍ତୀ 4 ଦିନ ପର୍ଯ୍ୟନ୍ତ ।

(v) ଚାରି ମୁଠା ଭେର୍ସୁଙ୍ଗ ପତ୍ର, ହଳଦୀ ସହିତ ଦିନକୁ ଦୁଇଥର ପରବର୍ତ୍ତୀ 4 ଦିନ ପର୍ଯ୍ୟନ୍ତ ।

**ଟିପ୍ପଣୀ:** ଏହି ଚିକିତ୍ସା ଆରମ୍ଭର 15 ଦିନ ପୂର୍ବରୁ କୃମି ଔଷଧ ଦିଅନ୍ତୁ।

ୟୁ ଟିଉବ ରେ ଭିଡିଓ ଦେଖିବା ପାଇଁ ଏହି କ୍ୟୁଆର କୋଡ ସ୍କାନ କରନ୍ତୁ ।



ଏହି ପୁସ୍ତିକାଟି ପ୍ରଫେସର ଏନ. ପୁନିଆମୁର୍ଥୀ (profpunniya@gmail.com) ଙ୍କ ଦ୍ୱାରା ଦିଆଯାଇଥିବା ବୈଷୟିକ ତଥ୍ୟକୁ ନେଇ ପ୍ରସ୍ତୁତ କରାଯାଇଛି। ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ: anand@nddb.coop


**ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ, ଆନନ୍ଦ**

ଫୋନ: 02692-260148, 260149 • ଫ୍ୟାକ୍ସ: 02692-260157

ୱେବସାଇଟ: www.nddb.coop

*facebook.com/NationalDairyDevelopmentBoard*


February, 2022

ଏଠାରେ ଉଲ୍ଲେଖ କରାଯାଇଥିବା ଉଦ୍ଭିଦ, ମସଲା ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ସାଧାରଣତଃ ସୁରକ୍ଷିତ ଭାବରେ ବିବେଚନା କରାଯାଇଥାଏ ଏବଂ ଏଗୁଡ଼ିକ କେବଳ ପରାମର୍ଶଦାୟକ ଅଟେ । ଉପଯୁକ୍ତ ରୋଗ ନିରାକରଣ ଏବଂ ପରିଚାଳନା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ କରାଯାଇପାରେ ।